ଭାରତ ସଂଘ

*ବନାମ*

କିଶନ କେ. ଶର୍ମା ଏବଂ ଅନ୍ୟମାନେ

5 ଜାନୁଆରୀ, 2004

[ପ୍ରଧାନ ନ୍ୟାୟାଧୀଶ, ଭି. ଏନ୍. ଖରେ, ଏବଂ ନ୍ୟାୟାଧୀଶ ଏସ୍. ବି. ସିହ୍ନା]

*ଭାରତର ସମ୍ବିଧାନ, 1950 - ଅନୁଚ୍ଛେଦ 226 - ନ୍ୟାୟିକ ସମୀକ୍ଷା - ପରମ ଆଜ୍ଞାଦେଶ - ଏହାର ବ୍ୟାପ୍ତି ଏବଂ ପରିସର - ଉଚ୍ଚ ନ୍ୟାୟାଳୟର କେତେକ କର୍ମଚାରୀଙ୍କ ପାଇଁ ବର୍ଦ୍ଧିତ ବେତନ ହାର - ମଞ୍ଜୁରି ପାଇଁ ସୁପାରିଶ - ଦୀର୍ଘ ସମୟ ଧରି ସରକାର ମଞ୍ଜୁରୀ ଦେଉନାହାନ୍ତି -ଆଜ୍ଞାଦେଶ ଆବେଦନ ଉପରେ କର୍ମଚାରୀମାନଙ୍କୁ ସୁପାରିସ କରାଯାଇଥିବା ବେତନ ହାର ପ୍ରଦାନ କରିବାକୁ ଉଚ୍ଚ ନ୍ୟାୟାଳୟ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ - ସରକାର ଉଚ୍ଚ ନ୍ୟାୟାଳୟଙ୍କର ନିର୍ଦ୍ଦେଶକୁ ପାଳନ କରିଥିଲେ ଏବଂ ସର୍ବୋଚ୍ଚ ନ୍ୟାୟାଳୟରେ ଅପିଲ କରିଥିଲେ - ନିର୍ଣ୍ଣୟ କରାଯାଇଥିଲା, ଯଦିଓ ଉଚ୍ଚ ନ୍ୟାୟାଳୟ ପରମ ଆଜ୍ଞାଦେଶ ଜାରି କରିବାରେ ଠିକ୍ ନଥିଲେ, ଏହି ତଥ୍ୟଗୁଡ଼ିକୁ ଦୃଷ୍ଟିରେ ରଖି ଯେ ମାମଲାଟି ପୁରୁଣା ଅଟେ ଏବଂ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇସାରିଛି, ଏଥିରେ ହସ୍ତକ୍ଷେପ କରାଗଲା ନାହିଁ ।*

**ଉଚ୍ଚ ନ୍ୟାୟାଳୟର ଉତ୍ତରଦାତା-କର୍ମଚାରୀମାନଙ୍କ ବେତନ ହାର ଉଚ୍ଚ ନ୍ୟାୟାଳୟଙ୍କ ଦ୍ଵାରା ସ୍ଥିର କରାଯାଇଥିଲା, ଯାହା କେନ୍ଦ୍ର ସରକାରରେ ସେମାନଙ୍କ ସମକକ୍ଷଙ୍କ ବେତନ ହାର ସହିତ ସମାନ ଥିଲା । କେନ୍ଦ୍ର ସରକାରଙ୍କ ସମ୍ପୃକ୍ତ କର୍ମଚାରୀଙ୍କ ହାରର ଅତିରିକ୍ତ ସଂଶୋଧନ ପରେ, କେନ୍ଦ୍ର ସରକାରଙ୍କ ସମ୍ପୃକ୍ତ କର୍ମଚାରୀଙ୍କ ସହିତ ସମାନ ଭାବରେ ଉଚ୍ଚ ନ୍ୟାୟାଳୟର ସମ୍ପୃକ୍ତ କର୍ମଚାରୀଙ୍କ ପ୍ରସ୍ତାବିତ ବର୍ଦ୍ଧିତ ବେତନ ହାର ମଞ୍ଜୁରି କରିବାକୁ ଉଚ୍ଚ ନ୍ୟାୟାଳୟଙ୍କ ଦ୍ଵାରା କେନ୍ଦ୍ର ସରକାରଙ୍କୁ ନିବେଦନ ପ୍ରଦାନ କରାଯାଇଥିଲା, କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିଲା ।**

**ଉତ୍ତରଦାତାମାନେ ଏହି ଆଧାରରେ ଆଜ୍ଞାଦେଶ ଆବେଦନ ଦାଖଲ କରିଥିଲେ ଯେ ସେମାନେ କେନ୍ଦ୍ର ସରକାରରେ ସେମାନଙ୍କ ପ୍ରତିପକ୍ଷଙ୍କ ତୁଳନାରେ ଭଲ ସ୍ଥିତିରେ ଅଛନ୍ତି ଏବଂ ସେମାନଙ୍କ ସହିତ କୌଣସି ସମତା ପୋଷଣ କରିହେବ ନାହିଁ । ଉଚ୍ଚ ନ୍ୟାୟାଳୟ ପରମ ଆଜ୍ଞାଦେଶ ଜାରି କରି ଉଚ୍ଚ ନ୍ୟାୟାଳୟର ସମ୍ପୃକ୍ତ କର୍ମଚାରୀଙ୍କୁ ବର୍ଦ୍ଧିତ ବେତନ ହାରରେ ଦରମା**

**ଦେବାକୁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ । ପରବର୍ତ୍ତୀ ସମୟରେ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ କେନ୍ଦ୍ର ସରକାର କାର୍ଯ୍ୟକାରୀ କରିଥିଲେ ।**

**ଏହି ଅଦାଲତରେ ଅପିଲ ଦାଖଲ କରି ଅପିଲକାରୀ ଯୁକ୍ତି ଦର୍ଶାଇଥିଲେ ଯେ ଉଚ୍ଚ ନ୍ୟାୟାଳୟ ଏହାର ନ୍ୟାୟିକ ପକ୍ଷରେ ଉତ୍ତରଦାତାମାନଙ୍କୁ ଏକ ନିର୍ଦ୍ଦିଷ୍ଟ ବେତନ ହାର ପ୍ରଦାନ କରିବାକୁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ପ୍ରଦାନ କରି ଏକ ଆଜ୍ଞାଦେଶ କିମ୍ବା ପରମ ଆଜ୍ଞାଦେଶ ପ୍ରକୃତିର ଏକ ଆଜ୍ଞାଦେଶ ଜାରି କରିପାରିବେ ନାହିଁ ।**

**ଉତ୍ତରଦାତାମାନେ ଯୁକ୍ତି ଉପସ୍ଥାପନ କରିଥିଲେ ଯେ ଯଦିଓ ସାଧାରଣତଃ ଏକ ନିର୍ଦ୍ଦିଷ୍ଟ ଢଙ୍ଗରେ ଏହାର କାର୍ଯ୍ୟ ନିର୍ବାହ କରିବାକୁ ଏକ ବୈଧାନିକ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ପ୍ରଦାନ କରି ପରମ ଆଜ୍ଞାଦେଶ ଜାରି କରିବା ପାଇଁ ଉଚ୍ଚ ନ୍ୟାୟାଳୟ ଅନୁମତିପ୍ରାପ୍ତ ନୁହେଁ, କିନ୍ତୁ ବର୍ତ୍ତମାନର ମାମଲାରେ ଏହା ଅନୁମତିପ୍ରାପ୍ତ କାରଣ ଉଚ୍ଚ ନ୍ୟାୟାଳୟର ସୁପାରିଶ ସତ୍ତ୍ୱେ ଦୀର୍ଘ ସମୟ ଧରି କୌଣସି ଆଦେଶ ପାରିତ ହୋଇନଥିଲା ।**

**ଏହି ଅପିଲକୁ ଖାରଜ କରି, ଅଦାଲତ**

**ନିର୍ଣ୍ଣୟ କରିଥିଲେ: ଯଦିଓ ଉଚ୍ଚ ନ୍ୟାୟାଳୟ ବିବାଦୀୟ ନିର୍ଦ୍ଦେଶଗୁଡିକ ଜାରି କରିବାରେ ଠିକ୍ ନଥିଲେ, କିନ୍ତୁ ଏହି ତଥ୍ୟକୁ ଧ୍ୟାନରେ ରଖି ଯେ ଏହା ଏକ ପୁରୁଣା ପ୍ରସଙ୍ଗ ଅଟେ ଏବଂ ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହୋଇସାରିଛି, ତଥାପି ଆକ୍ଷେପିତ ରାୟରେ ହସ୍ତକ୍ଷେପ କରିବାର ଆବଶ୍ୟକତା ନାହିଁ । [116-G-H]**

*ଭାରତ ସଂଘ* **ବନାମ** *ଏସ୍. ବି. ଭୋହରା ଏବଂ ଅନ୍ୟମାନେ,* **[2004] 2 SCC 150, ଉପରେ ନିର୍ଭର କରାଯାଇଥିଲା ।**

ଦେୱାନୀ ଅପିଲୀୟ ଅଧିକାରିତା: ଦେୱାନୀ ଅପିଲ ସଂଖ୍ୟା 6252/1998

C.W.P. ସଂଖ୍ୟା 1174/1994ରେ ଦିଲ୍ଲୀ ଉଚ୍ଚ ନ୍ୟାୟାଳୟର 8.8.1996 ତାରିଖର ରାୟ ଏବଂ ଆଦେଶରୁ ।

ଉପସ୍ଥିତ ପକ୍ଷମାନଙ୍କ ତରଫରୁ ଏଲ୍. ଏନ୍. ରାଓ, ଆର୍. ଭେଙ୍କଟରମଣି, ହେମନ୍ତ ଶର୍ମା, ରାଜୀବ ଶର୍ମା, ପି. ଡି. ପରମେଶ୍ୱରନ୍, ମନିନ୍ଦର ସିଂ, ସୁଶ୍ରୀ ଏ. ସୁଭାଶିନୀ, ନରେଶ୍ କୁମାର ଏବଂ ଅଶୋକ ପାଣିଗ୍ରାହୀ ।

ନ୍ୟାୟାଳୟଙ୍କ ରାୟ ପ୍ରଦାନ କରାଯାଇଥିଲା

ନ୍ୟାୟାଧୀଶ ଏସ୍. ବି. ସିହ୍ନାଙ୍କ ଦ୍ୱାରା । ଏକ ନିର୍ଦ୍ଦିଷ୍ଟ ବେତନ ହାରରେ ଉଚ୍ଚ ନ୍ୟାୟାଳୟର ଅଧିକାରୀମାନଙ୍କୁ ବେତନ ପ୍ରଦାନ କରିବାକୁ ଭାରତ ସଂଘଙ୍କୁ ନିର୍ଦ୍ଦେଶ ଦେବା ପାଇଁ କେତେ ବ୍ୟାପ୍ତି ଏବଂ କେତେ ପରିସର ପର୍ଯ୍ୟନ୍ତ ଏକ ଆଜ୍ଞାଦେଶ କିମ୍ବା ପରମ ଆଜ୍ଞାଦେଶ ପ୍ରକୃତିର ଏକ ଆଜ୍ଞାଦେଶ ଜାରି କରାଯିବା ଉଚିତ୍, ଏହି ଅପିଲରେ ଜଡିତ ଏହା ଏକ ପ୍ରଶ୍ନ ଅଟେ ଯାହା C. W. P. ସଂଖ୍ୟା 1174/94 ରେ ଦିଲ୍ଲୀ ଉଚ୍ଚ ନ୍ୟାୟାଳୟ ଦ୍ୱାରା 8 ଅଗଷ୍ଟ, 1996 ତାରିଖରେ ପାରିତ ହୋଇଥିବା ଏକ ରାୟ ଏବଂ ପରମ ଆଦେଶରୁ ଉତ୍ପନ୍ନ ହୋଇଛି ।

ଏଠାରେ ଉତ୍ତରଦାତାମାନେ ଉଚ୍ଚ ନ୍ୟାୟାଳୟର ଡେପୁଟି ରେଜିଷ୍ଟ୍ରାର କିମ୍ବା କନିଷ୍ଠ କ୍ଷିପ୍ର ଲେଖକଙ୍କ ବ୍ୟକ୍ତିଗତ ସହାୟକ ଅଟନ୍ତି । ଏହା ବିବାଦରେ ନାହିଁ ଯେ ଉଚ୍ଚ ନ୍ୟାୟାଳୟର ଅଧିକାରୀ ଏବଂ କର୍ମଚାରୀଙ୍କ ବେତନ ହାର କେନ୍ଦ୍ର ସରକାରଙ୍କ ଦ୍ୱାରା ନିଯୁକ୍ତ ବେତନ ଆୟୋଗ ଦ୍ୱାରା ବିଚାର ପାଇଁ ଉପନୀତ ହୋଇନଥିଲା । ତେବେ ଚତୁର୍ଥ ବେତନ ଆୟୋଗଙ୍କ ସୁପାରିଶକୁ ଦୃଷ୍ଟିରେ ରଖି ଦିଲ୍ଲୀ ଉଚ୍ଚ ନ୍ୟାୟାଳୟ ଉତ୍ତରଦାତା ସଂଖ୍ୟା 1 ରୁ 6 ଙ୍କର ବେତନ ହାର ଏଠାରେ ସ୍ଥିର କରିଥିଲେ 1400 ଟଙ୍କାରୁ 2300 ଟଙ୍କା, ଯାହା ଯୁଗ୍ମ ସଚିବମାନଙ୍କ ବ୍ୟକ୍ତିଗତ ସହାୟକମାନଙ୍କୁ ଦିଆଯାଉଥିବା ଦେୟ ବେତନ ସହିତ ସମାନ ଥିଲା ।

ତେବେ, କେନ୍ଦ୍ର ସରକାରଙ୍କ ସମ୍ପୃକ୍ତ କର୍ମଚାରୀଙ୍କ ଦ୍ୱାରା କରାଯାଇଥିବା ପ୍ରସ୍ତାବ ଉପରେ ଭାରତର ରାଷ୍ଟ୍ରପତି, ଉପ ସଚିବମାନଙ୍କ P.A. ର ବେତନ ହାରକୁ 1640 ଟଙ୍କାରୁ 2900 ଟଙ୍କା କୁ 1.1.1986 ତାରିଖ ଠାରୁ ସଂଶୋଧିତ କରିଥିଲେ ଯାହା 31 ଜୁଲାଇ, 1990 ତାରିଖର କାର୍ଯ୍ୟାଳୟ ସ୍ମାରକ କାରଣରୁ ହୋଇଥିଲା । ଏହା ପରେ ଉତ୍ତରଦାତାମାନେ ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତିଙ୍କ ନିକଟରେ ଏକ ନିବେଦନ ଦାଖଲ କରିଥିଲେ, ଯିଏକି ଭାରତ ସରକାରଙ୍କୁ ସ୍ପଷ୍ଟ ଭାବେ ଏହା ଦର୍ଶାଇ ନିଜର ସୁପାରିଶ କରିଥିଲେ ଯେ ଦିଲ୍ଲୀ ଉଚ୍ଚ ନ୍ୟାୟାଳୟରେ ଯୁଗ୍ମ ରେଜିଷ୍ଟ୍ରାର ଏବଂ ଡେପୁଟି ରେଜିଷ୍ଟ୍ରାର ପଦବୀରେ ଦେୟ ବେତନ ହାର ଯଥାକ୍ରମେ ଭାରତ ସରକାରଙ୍କ ନିର୍ଦ୍ଦେଶକ ଏବଂ ଉପ ସଚିବ ପଦବୀ ପାଇଁ ନିର୍ଦ୍ଧାରିତ ବେତନ ହାର ସହ ସମାନ ଅଟେ, ଏହି ତଥ୍ୟକୁ ଧ୍ୟାନରେ ରଖି ଡେପୁଟି ରେଜିଷ୍ଟ୍ରାର ଏବଂ କନିଷ୍ଠ କ୍ଷିପ୍ର ଲେଖକଙ୍କ ବ୍ୟକ୍ତିଗତ ସହାୟକ ପଦବୀରେ ପ୍ରସ୍ତାବିତ ବର୍ଦ୍ଧିତ ବେତନ ହାରକୁ ମଞ୍ଜୁର କରାଯିବା ଉଚିତ୍ । ଏହା ସତ୍ତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିଲା ।

ଏହା ପରେ ଉତ୍ତରଦାତା ସଂଖ୍ୟା 1 ରୁ 6 ଏକ ଆଜ୍ଞାଦେଶ ଆବେଦନ ଦାଖଲ କରି ଅନ୍ୟାନ୍ୟ ବିଷୟ ମଧ୍ୟରେ ଯୁକ୍ତି ଦର୍ଶାଇଥିଲେ ଯେ ଉଭୟ କାର୍ଯ୍ୟର ପ୍ରକୃତି ଏବଂ ସେମାନଙ୍କ ଦ୍ୱାରା ସମ୍ପାଦିତ କର୍ତ୍ତବ୍ୟ ଯାହା ଭାରତ ସରକାରଙ୍କ ଯୁଗ୍ମ ସଚିବଙ୍କ ସହ ସଂଲଗ୍ନ ବ୍ୟକ୍ତିଗତ ସହାୟକ କିମ୍ବା କନିଷ୍ଠ କ୍ଷିପ୍ର ଲେଖକଙ୍କ କର୍ତ୍ତବ୍ୟ ତୁଳନାରେ ଉଚ୍ଚ ସ୍ତରର ଦକ୍ଷତା ଏବଂ ଅଖଣ୍ଡତା ଏବଂ ଦାୟିତ୍ୱ ସହ ଜଡିତ ଅଟେ, ଉଭୟ ଦୃଷ୍ଟିରୁ ସେମାନେ କେନ୍ଦ୍ର ସରକାରରେ ସେମାନଙ୍କ ପ୍ରତିପକ୍ଷଙ୍କ ତୁଳନାରେ ଭଲ ସ୍ଥିତିରେ ଅଛନ୍ତି । ତଥାପି, ଉଚ୍ଚ ନ୍ୟାୟାଳୟରେ ଦାଖଲ କରାଯାଇଥିବା ଏହାର ପ୍ରତିଆରୋପ ସତ୍ୟପାଠରେ, ଅପିଲକାରୀ ଦର୍ଶାଇଥିଲେ ଯେ 31 ଜୁଲାଇ, 1990 ତାରିଖର କାର୍ଯ୍ୟାଳୟ ସ୍ମାରକ, ଯେଉଁଥିରେ 1640-2900 ଟଙ୍କାର ସଂଶୋଧିତ ବେତନ ହାରକୁ କେବଳ ମନ୍ତ୍ରଣାଳୟ/ବିଭାଗରେ କାର୍ଯ୍ୟ କରୁଥିବା ସହାୟକ ଏବଂ କ୍ଷିପ୍ର ଲେଖକଙ୍କ ପାଇଁ ପ୍ରଯୁଜ୍ୟ ବୋଲି ଧାର୍ଯ୍ୟ କରାଯାଇଥିଲା । ଏହା ମଧ୍ୟ ଦର୍ଶାଯାଇଥିଲା ଯେ ଉଚ୍ଚ ନ୍ୟାୟାଳୟରେ କାର୍ଯ୍ୟ କରୁଥିବା ଘରୋଇ ସଚିବମାନଙ୍କ ବେତନ ହାର ଭାରତ ସରକାରଙ୍କ ସଚିବମାନଙ୍କର ବ୍ୟକ୍ତିଗତ ସଚିବମାନଙ୍କ ବେତନ ହାର ସହିତ କୌଣସି ସମତା ପୋଷଣ କରିହେବ ନାହିଁ । ତେବେ ଆଜ୍ଞାଦେଶ ଆବେଦନକାରୀ-ଉତ୍ତରଦାତାମାନଙ୍କ ଆଭିମୁଖ୍ୟକୁ ଉଚ୍ଚ ନ୍ୟାୟାଳୟ ସମର୍ଥନ କରିଥିଲେ ।

ଉଚ୍ଚ ନ୍ୟାୟାଳୟର ଏକ ଦୁଇ ଜଣିଆ ବିଚାରପତିଙ୍କ ବିଚାରପୀଠ ନଥିଭୁକ୍ତ ତଥ୍ୟକୁ ବିଚାର କରି ଏବଂ ଯୁଗ୍ମ ରେଜିଷ୍ଟ୍ରାରଙ୍କ ସହିତ ସଂଲଗ୍ନ ବ୍ୟକ୍ତିଗତ ସହାୟକ ଏବଂ କ୍ଷିପ୍ର ଲେଖକଙ୍କ ଦ୍ୱାରା କରାଯାଇଥିବା କର୍ତ୍ତବ୍ୟର ପ୍ରକୃତିକୁ ଦୃଷ୍ଟିରେ ରଖି ନିର୍ଦ୍ଦେଶକ କିମ୍ବା ଉପ ସଚିବଙ୍କ ସହ ଜଡିତ ଥିବା ବ୍ୟକ୍ତିମାନେ ନିର୍ଣ୍ଣୟ କରିଥିଲେ ଯେ ଏହି ମତ ପୋଷଣ କରି ଉତ୍ତରଦାତାମାନେ 1640-60-2500-EB-75-2900 ଟଙ୍କାର ବେତନ ହାର ମଞ୍ଜୁରୀ ପାଇଁ ହକଦାର ଅଟନ୍ତି:

> "ଡେପୁଟି ରେଜିଷ୍ଟ୍ରାର ଏବଂ କନିଷ୍ଠ କ୍ଷିପ୍ର ଲେଖକଙ୍କ PA ପଦବୀ ପାଇଁ ନିଯୁକ୍ତି ପଦ୍ଧତି ଲିଖିତ ପରୀକ୍ଷା ଏବଂ ସାକ୍ଷାତକାର ଆଧାରରେ ସିଧାସଳଖ ନିଯୁକ୍ତି ଦ୍ୱାରା ହୋଇଥାଏ । ଏହି ପଦବୀରେ ନିଯୁକ୍ତି ପାଇଁ ନିର୍ଦ୍ଧାରିତ ସର୍ବନିମ୍ନ ଯୋଗ୍ୟତା ହେଉଛି ଅତିକମରେ କ୍ଷିପ୍ରଲିପିରେ 100 ଶବ୍ଦ ପ୍ରତି ମିନିଟ୍ ଏବଂ ଟାଇପ୍ ଲେଖାରେ 40 ଶବ୍ଦ ପ୍ରତି ମିନିଟ୍ ର ବେଗ ସହିତ ସ୍ନାତକ । ଭାରତ ସରକାରରେ ବ୍ୟକ୍ତିଗତ ସହାୟକ ଏବଂ ଶ୍ରେଣୀ 'C' କ୍ଷିପ୍ର ଲେଖକଙ୍କ ପାଇଁ ନିର୍ଦ୍ଧାରିତ ଯୋଗ୍ୟତା ଅପେକ୍ଷା ଏହା ଅଧିକ ଅଟେ, ଯେଉଁମାନଙ୍କ ପାଇଁ ଯଦିଓ ନିଯୁକ୍ତିର ପଦ୍ଧତି ଲିଖିତ ପରୀକ୍ଷା ଏବଂ ସାକ୍ଷାତକାର ଆଧାରରେ ସିଧାସଳଖ

ନିଯୁକ୍ତି ଅଟେ, କିନ୍ତୁ ସର୍ବନିମ୍ନ ଯୋଗ୍ୟତା ମାଟ୍ରିକ୍ ପାସ୍ ସହିତ ଅତିକମରେ କ୍ଷିପ୍ରଲିପିରେ 100 ଶବ୍ଦ ପ୍ରତି ମିନିଟ୍ ଏବଂ ଟାଇପ୍ ଲେଖାରେ 35 ଶବ୍ଦ ପ୍ରତି ମିନିଟ୍ ର ବେଗ ଥିବା ଆବଶ୍ୟକ ।

ଭାରତ ସଂଘ ତରଫରୁ ଉପସ୍ଥିତ ବିଦ୍ୱାନ ଅତିରିକ୍ତ ମହାନ୍ୟାୟାଭିକର୍ତ୍ତା ଶ୍ରୀ ଏଲ୍ ନାଗେଶ୍ୱର ରାଓ, *ଅନ୍ୟାନ୍ୟ ବିଷୟ* ମଧ୍ୟରେ ଉପସ୍ଥାପନ କରିଥିଲେ ଯେ ଉଚ୍ଚ ନ୍ୟାୟାଳୟର ଦୁଇ ଜଣିଆ ବିଚାରପତିଙ୍କ ବିଚାରପୀଠ ଆକ୍ଷେପିତ ରାୟ ପାରିତ କରିବାରେ ଏକ ସ୍ପଷ୍ଟ ତ୍ରୁଟି କରିଛନ୍ତି, କାରଣ ଏହା ଏହି ବିଚାରକୁ ଆପଣେଇବାରେ ବିଫଳ ହୋଇଛନ୍ତି ଯେ ଏହା ଏହାର ନ୍ୟାୟିକ ପକ୍ଷରେ ଉତ୍ତରଦାତାମାନଙ୍କ ସପକ୍ଷରେ 1.1.1986 ତାରିଖରୁ 1640-2900 ଟଙ୍କାର ବେତନ ହାର ପ୍ରଦାନ କରିବାକୁ କେନ୍ଦ୍ର ସରକାର ଏବଂ ଉତ୍ତରଦାତାମାନଙ୍କୁ ନିର୍ଦ୍ଦେଶ ପ୍ରଦାନ କରି ଏକ ଆଜ୍ଞାଦେଶ କିମ୍ବା ପରମ ଆଦେଶ ପ୍ରକୃତିର ଏକ ଆଜ୍ଞାଦେଶ ଜାରି କରିପାରିବେ ନାହିଁ । ବିଜ୍ଞ ଅଧିବକ୍ତା ଦାଖଲ କରିବେ ଯେ ଭାରତୀୟ ସମ୍ବିଧାନର ଅନୁଚ୍ଛେଦ 229 ର ଖଣ୍ଡ 2 ରେ ଥିବା ବ୍ୟବସ୍ଥାଗୁଡ଼ିକୁ ଦୃଷ୍ଟିରେ ରଖି, ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ତାଙ୍କ ଜ୍ଞାନରେ ବେତନ ହାର ସ୍ଥିର କରିପାରିବେ କିନ୍ତୁ ସେଥିପାଇଁ, ଭାରତର ରାଷ୍ଟ୍ରପତିଙ୍କ ଅନୁମୋଦନ ଜରୁରୀ ଥିଲା ।

ଅନ୍ୟପକ୍ଷରେ, ବ୍ୟକ୍ତିଗତ ଉତ୍ତରଦାତାମାନଙ୍କ ତରଫରୁ ହାଜର ବିଦ୍ୱାନ ବରିଷ୍ଠ ଅଧିବକ୍ତା ଶ୍ରୀ ଭେଙ୍କଟରମଣୀ ପ୍ରାରମ୍ଭରେ ଏହି ତଥ୍ୟ ପ୍ରତି ଆମର ଧ୍ୟାନ ଆକର୍ଷଣ କରିବେ ଯେ ଅପିଲକାରୀଙ୍କ ଦ୍ୱାରା ଆକ୍ଷେପିତ ରାୟ କାର୍ଯ୍ୟକାରୀ ହୋଇସାରିଛି । ବିଜ୍ଞ ଅଧିବକ୍ତା ଦର୍ଶାଇଥିଲେ ଯେ ଏହି ମାମଲାରେ ଆଜ୍ଞାଦେଶ ଆବେଦନକାରୀଙ୍କୁ ନିର୍ଦ୍ଦେଶକ ଏବଂ/ଯୁଗ୍ମ ସଚିବଙ୍କ ବ୍ୟକ୍ତିଗତ ସହାୟକଙ୍କ ଭଳି ସମାନ ବେତନ ହାରରେ ରଖାଯାଇଥିଲା ଏବଂ କେନ୍ଦ୍ର ସରକାର ଏହି ଉଦ୍ଦେଶ୍ୟରେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା କରାଯାଇଥିବା ସୁପାରିଶକୁ ଗ୍ରହଣ କରିଥିଲେ ଏବଂ ସେହି ଦୃଷ୍ଟିରୁ 31 ଜୁଲାଇ, 1990 ତାରିଖର କାର୍ଯ୍ୟାଳୟ ସ୍ମାରକପତ୍ରକୁ ଦୃଷ୍ଟିରେ ରଖି ଯେତେବେଳେ ରାଷ୍ଟ୍ରପତିଙ୍କ ଆଦେଶ ଅନୁଯାୟୀ ବେତନ ହାରରେ ସଂଶୋଧନ କରାଯାଇଥିଲା, ଅପିଲକାରୀମାନେ ଉଚ୍ଚ ନ୍ୟାୟାଳୟର ସୁପାରିଶକୁ ମଧ୍ୟ ଗ୍ରହଣ କରିବା ଉଚିତ୍ ଥିଲା । ବିଜ୍ଞ ଅଧିବକ୍ତା ଉପସ୍ଥାପନ କରିଥିଲେ ଯେ ଯଦିଓ ଏକ ନିର୍ଦ୍ଦିଷ୍ଟ ମାମଲାରେ ଏକ ଆଦେଶ ପାରିତ କରିବା କିମ୍ବା ଏକ ନିର୍ଦ୍ଦିଷ୍ଟ ଢଙ୍ଗରେ ବୈଧାନିକ କାର୍ଯ୍ୟକୁ ସିଧାସଳଖ ନିର୍ବାହ କରିବା କରିବା ପାଇଁ ଏକ ବୈଧାନିକ କର୍ତ୍ତୃପକ୍ଷଙ୍କୁ ଆଜ୍ଞାଦେଶ କିମ୍ବା *ପରମ ଆଜ୍ଞାଦେଶ* ପ୍ରକୃତିର ଏକ ଆଜ୍ଞାଦେଶ ଜାରି କରିବା ପାଇଁ ଉଚ୍ଚ ନ୍ୟାୟାଳୟ ଅନୁମତିପ୍ରାପ୍ତ ନହୋଇପାରନ୍ତି, କିନ୍ତୁ ଏହି ମାମଲାରେ ଏପରି ଏକ

ଆଦେଶ ପାରିତ କରିବାକୁ ପଡିବ କାରଣ ଦିଲ୍ଲୀ ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତିଙ୍କ ଦ୍ୱାରା ସୁପାରିଶ କରାଯିବା ସତ୍ତ୍ୱେ ଦୀର୍ଘ ସମୟ ଧରି କୌଣସି ଆଦେଶ ପାରିତ ହୋଇନଥିଲା ।

ବେତନ ହାର ମଞ୍ଜୁର କରିବା ପାଇଁ ଆଜ୍ଞାଦେଶ କିମ୍ବା ପରମ ଆଜ୍ଞାଦେଶ ସ୍ୱରୂପ ଆଜ୍ଞାଦେଶ ଜାରି କରିବା ଉଦ୍ଦେଶ୍ୟରେ ନ୍ୟାୟିକ ସମୀକ୍ଷାର ବ୍ୟାପ୍ତି ଏବଂ ପରିସର *ଭାରତ ସଂଘ* ବନାମ *ଏସ୍. ବି. ଭୋହରା ଏବଂ ଅନ୍ୟମାନେ,* (ଦେୱାନୀ ଅପିଲ ସଂଖ୍ୟା 2887/2001) ମାମଲାରେ ଆମ ଦ୍ୱାରା ବିଚାର କରାଯାଇଛି, ଯାହାର ମଧ୍ୟ ଆଜି ତାରିଖରେ ଫଏସଲା କରାଯାଉଛି ।

ଉକ୍ତ ନିର୍ଣ୍ଣୟକୁ ଅନୁସରଣ କରି, ଆମର ମତ ହେଉଛି ଯେ, ଯଦିଓ ଉଚ୍ଚ ନ୍ୟାୟାଳୟ ବିବାଦୀୟ ନିର୍ଦ୍ଦେଶ ଜାରି କରିବାରେ ଠିକ୍ ନଥିଲେ, କିନ୍ତୁ ଏହି ବିଷୟକୁ ଧ୍ୟାନରେ ରଖି ଯେ ଏହା ଏକ ପୁରୁଣା ବିଷୟ ଅଟେ ଏବଂ ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହୋଇସାରିଛି, ଆକ୍ଷେପିତ ରାୟରେ ହସ୍ତକ୍ଷେପ କରିବାର ଆବଶ୍ୟକତା ନାହିଁ । ତେଣୁ ଏହି ଅପିଲ ଖାରଜ କରାଯାଇଛି । ମାମଲାର ତଥ୍ୟ ଏବଂ ପରିସ୍ଥିତିରେ, ଖର୍ଚ୍ଚ ବିଷୟରେ କୌଣସି ଆଦେଶ ରହିବ ନାହିଁ ।

କେ. କେ. ଟି

ଅପିଲ ଖାରଜ କରାଗଲା ।

**ଅସ୍ୱୀକରଣ**

"ଉପଭାଷା ରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର:***

ସୁଶ୍ରୀ ସଙ୍ଗୀତା ଲେଙ୍କା,
ଅନୁବାଦିକା,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ